# ମାଆ ଗୋ !

ମାଆ ଗୋ ମାଆ ଗୋ ମାଆ
ସନ୍ତାନ ତବ ହତ ଗୌରବ
ମଥା ପାତି ଆଗେ ଠିଆ ।
ତୁମେ ଅମ୍ବିକା ଭବାନୀ ରମା
ଟୋପାଏ ପଡ଼ିଲେ ପଦ ରେଣୁ ତୁମ
ଆଲୋକିତ ହୁଏ ଅମା
ଦିଅ ମା ଜୀବନେ ଚିର ବରାଭୟ
ଅସତ୍ୟରୁ ସତ୍ୟ ରାହା
ମାଆ ଗୋ ମାଆ .....

ସନ୍ତାନ ତବ ଦିଗହରା ହୁଏ ଯେବେ
ପାଶେ ହୋଇ ଛିଡ଼ା
ଦମ୍ଭ ଦିଅ ଗୋ ଲବେ
ଦିଅ ତାରେ ତୁମ ବରାଭୟ ବଜ୍ରବାଣୀ
ସେଇ ବାଣୀ ହେତୁ
ଗରିୟାନ ହେବ ଭବେ
ତୁମେ ମା ଅନ୍ଧାର ପାପ ବିନାଶିନୀ
ନିଦାଘ ରେ ଘନ ଛାୟା ।
ମାଆ ଗୋ ମାଆ ଗୋ ମାଆ ...☐ ☐